## ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧୀୟ ସବିଶେଷ ତଥ୍ୟ

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିଚାଳିତ **ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟ**ମାନଙ୍କରେ ନିମ୍ନଲିଖିତ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସମସ୍ତ ପଦବୀ ସଂପୂର୍ଣ୍ଣ ଭାବରେ ଅସ୍ଥାୟୀ, ଅର୍ଦ୍ଧ ବାର୍ଷିକ ଚୁକ୍ତି ଭିତ୍ତିକ ଏବଂ ଚୁକ୍ତି ଅବଧି ଅନ୍ତେ ସନ୍ତୋଷଜନକ କାର୍ଯ୍ୟସମ୍ପାଦନା ଭିତ୍ତିରେ ପୁନଃ ନବୀକରଣ ଯୋଗ୍ୟ ଅଟେ । ଏ ସମସ୍ତ ପଦବୀ ପାଇଁ ସବୁ ଜିଲ୍ଲାର ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପଦବୀ | ଖାଲି ଥିବା ପଦବୀ ସଂଖ୍ୟା | ତା୦୧.୦୧.୨୪ ରିଖ ସୁଦ୍ଧା ବୟସ | ଶିକ୍ଷାଗତ ଯୋଗ୍ୟତା | ଅଗ୍ରାଧିକାର ଭିତ୍ତି | ମାସିକ ପାରିଶ୍ରମିକ |
|---|---|---|---|---|---|---|
| ୧ | ପାର୍ଟ ଟାଇମ ଟିଚର – ବିଜ୍ଞାନ (ପୁରୁଷ / ମହିଳା) | ୩ | ୧୮ ରୁ ୩୫ ବର୍ଷ ମଧ୍ୟରେ | ନିମ୍ନ ଲିଖିତ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପ୍ରାଧାନ୍ୟତା ଦିଆଯିବ (୧) ବି.ଏସ.ସି. – ବି.ଇଡି., (୨) ବି. ଏସ.ସି., (୩) ଆଇ. ଏସ.ସି. – ସି.ଟି., (୪) ଆଇ. ଏସ.ସି. | ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଆଞ୍ଚଳିକତା ଭିତ୍ତିରେ ନିମ୍ନମତେ ଅଗ୍ରାଧିକାର ଦିଆଯିବ । ୧) ବି.ଏମ.ସି.ଅଞ୍ଚଳ ୨) ଭୁବନେଶ୍ୱର ବ୍ଲକ ୩) ଖୋର୍ଦ୍ଧା ଜିଲ୍ଲା ୪) ଅନ୍ୟ ଜିଲ୍ଲା | ୭,୫୦୦ ଟଙ୍କା (ତାଲିମ ପ୍ରାପ୍ତ) ୬,୫୦୦ ଟଙ୍କା (ଅଣତାଲିମ ପ୍ରାପ୍ତ) |
| ୨ | ପାର୍ଟ ଟାଇମ ଟିଚର - କଳା (ପୁରୁଷ / ମହିଳା) | ୨ | ୧୮ ରୁ ୩୫ ବର୍ଷ ମଧ୍ୟରେ | ନିମ୍ନ ଲିଖିତ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପ୍ରାଧାନ୍ୟତା ଦିଆଯିବ (୧) ବି.ଏ. – ବି.ଇଡି., (୨) ବି.ଏ., (୩) ଆଇ.ଏ. – ସି.ଟି., (୪) ଆଇ.ଏ. | | |
| ୩ | ଫୁଲ ଟାଇମ ଆକାଉଣ୍ଟାଣ୍ଟ | ୨ | ୧୮ ରୁ ୩୫ ବର୍ଷ ମଧ୍ୟରେ | B.Com ସହ କମ୍ପ୍ୟୁଟର ଜ୍ଞାନ ଓ ଅଭିଜ୍ଞତା | ଆକାଉଣ୍ଟାଣ୍ଟ ଭାବରେ ପୂର୍ବ ଅଭିଜ୍ଞତା ଥିଲେ ଅଗ୍ରାଧିକାର ଦିଆଯିବ। | ୧୩,୭୫୦ ଟଙ୍କା |
| ୪ | ମୁଖ୍ୟ ରୋଷେୟା (ଉଭୟ ପୁରୁଷ ଓ ମହିଳା) | ୧ | ୧୮ ରୁ ୩୫ ବର୍ଷ ମଧ୍ୟରେ | କୌଣସି ସର୍ବ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଯାଇ ନାହିଁ । କେବଳ ଓଡ଼ିଆ ଓ ଇଂରାଜୀ ଭାଷା ପଢି ଓ ଲେଖି ପାରୁଥିବା ଆବଶ୍ୟକ । | ରୋଷେୟା କାମରେ ପୂର୍ବ ଅଭିଜ୍ଞତା ଥିଲେ ଅଗ୍ରାଧିକାର ଦିଆଯିବ । | ୯,୦୦୦ ଟଙ୍କା |
| ୫ | ସହକାରୀ ରୋଷେୟା (ଉଭୟ ପୁରୁଷ ଓ ମହିଳା) | ୩ | ୩୫ ରୁ ୫୦ବର୍ଷ ମଧ୍ୟରେ | | | ୬,୫୦୦ ଟଙ୍କା |
| ୬ | ପିଅନ ତଥା ଝାଡୁଦାର | ପୁରୁଷ -୩ ମହିଳା-୧ | ୧୮ ରୁ ୩୫ ବର୍ଷ ମଧ୍ୟରେ | ଏଚ.ଏସ.ସି./ମାଟ୍ରିକୁଲେସନ | ପୂର୍ବ ଅଭିଜ୍ଞତା ଥିଲେ ଅଗ୍ରାଧିକାର ଦିଆଯିବ । | ୭,୫୦୦ ଟଙ୍କା |
| ୭ | ରାତ୍ରି ଜଗୁଆଳି (ପୁରୁଷ) | ୨ | | | | ୭,୫୦୦ ଟଙ୍କା |

କ୍ରମିକ ସଂଖ୍ୟା ୧ ଠାରୁ ୪ ପର୍ଯ୍ୟନ୍ତ ପଦବୀ ନିମନ୍ତେ ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଆ ଭାଷାକୁ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଜାତି ଭିତ୍ତିକ ବା ଅନ୍ୟ କୌଣସି ପ୍ରକାର ସଂରକ୍ଷଣ କିମ୍ବା ବୟସ ସୀମା କୋହଳ କରାଯିବାର ବ୍ୟବସ୍ଥା ନାହିଁ ।

ଉପରେ ବର୍ଣ୍ଣିତ ଯୋଗ୍ୟତା ମାନଦଣ୍ଡ ଅନୁସାରେ ଯୋଗ୍ୟ ତଥା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ସମସ୍ତ ଶିକ୍ଷାଗତ/ତାଲିମ ଯୋଗ୍ୟତାର ସାର୍ଟିଫିକେଟ ଓ ମାର୍କସିଟ, ଅଭିଜ୍ଞତା, ଜନ୍ମ ତାରିଖ ଓ ଆବାସିକ ପ୍ରମାଣପତ୍ର ଆଦିର ସ୍ୱସ୍ୱାକ୍ଷରିତ ଅବିକଳ ନକଲ ସହିତ ଦୁଇଟି ପାସ ପୋର୍ଟ ସାଇଜ କଲର ଫଟୋଗ୍ରାଫ ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ଆବେଦନ ପତ୍ର **ତା. ୧୧.୦୩.୨୦୨୪ ରିଖ** ଦିବା ୧.୦୦ଘଟିକା ସୁଦ୍ଧା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ,

ସର୍ବ ଶିକ୍ଷା ଅଭିଯାନ, ଖୋର୍ଦ୍ଧା, ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା, ପିନ କୋଡ୍-୭୫୨୦୫୫ ଠିକଣାରେ କେବଳ ରେଜିଷ୍ଟ୍ରୀ ଡାକ / ସ୍ପୀଡ ପୋଷ୍ଟ ଜରିଆରେ ପହଞ୍ଚିବା ଆବଶ୍ୟକ । ପ୍ରାର୍ଥୀ/ପ୍ରାର୍ଥିନୀ ଏନଭଲପ ଉପରେ ସ୍ପଷ୍ଟ ଭାବରେ **"ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି (ଆବେଦନ କରୁଥିବା ପଦବୀର ନାମ)"** ଉଲ୍ଲେଖ କରିବା ଜରୁରୀ । ଉଲ୍ଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସଂଲଗ୍ନ ହୋଇନଥିବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର କିମ୍ବା ରେଜିଷ୍ଟ୍ରୀ ଡାକ / ସ୍ପୀଡ ପୋଷ୍ଟ ବ୍ୟତୀତ ଅନ୍ୟାନ୍ୟ ଜରିଆରେ ଅବା ଅନ୍ତିମ ତାରିଖ/ସମୟ ପରେ ପହଞ୍ଚିଥିବା ଆବେଦନ ପତ୍ର ସଂପୂର୍ଣ୍ଣ ଭାବେ ଖାରଜ କରିଦିଆଯିବ । ଡାକ ଯୋଗେ ପହଞ୍ଚିବାରେ ବିଳମ୍ବ ପାଇଁ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଦାୟୀ ନୁହନ୍ତି । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ବା ଦାବି ଆଦୌ ଗ୍ରହଣୀୟ ହେବ ନାହିଁ । ବିନା କୌଣସି କାରଣ ଦର୍ଶାଇ ନିଯୁକ୍ତି ପ୍ରକ୍ରିୟାକୁ ଆଂଶିକ ବା ସଂପୂର୍ଣ୍ଣ ଭାବରେ ରଦ୍ଦ କରିବା କିମ୍ବା ଚୟନ ପ୍ରକ୍ରିୟାରେ କୌଣସି ପ୍ରକାର ପରିବର୍ତ୍ତନ କରିବାର ଅଧିକାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ସଂରକ୍ଷିତ । ପ୍ରକୃତ ନିୟୋଜନ ସମୟରେ ଖାଲି ଥିବା ପଦବୀ ସଂଖ୍ୟା କମ ବା ବେଶୀ ହୋଇପାରେ ।

**ଚୟନ ପ୍ରକ୍ରିୟା**

| କ୍ରମିକ ସଂଖ୍ୟା | ପଦବୀ | ଚୟନ ପ୍ରକ୍ରିୟା |
|---|---|---|
| ୧ ଓ ୨ | ପାର୍ଟ ଟାଇମ ଟିଚର (ବିଜ୍ଞାନ ଓ କଳା) | ଫୁଲ କ୍ୟାରିୟର ମାର୍କିଙ୍ଗ ଏବଂ ଅଗ୍ରାଧିକାର ଭିତ୍ତିରେ |
| ୩ | ଫୁଲ ଟାଇମ ଆକାଉଣ୍ଟାଣ୍ଟ | ଫୁଲ କ୍ୟାରିୟର ମାର୍କିଙ୍ଗ, ଲିଖିତ ଓ କମ୍ପ୍ୟୁଟର ପରୀକ୍ଷା |
| ୪ ଓ ୫ | ମୁଖ୍ୟ ରୋଷେୟା ଓ ସହକାରୀ ରୋଷେୟା | ସାକ୍ଷାତକାର ମୌଖିକ ପରୀକ୍ଷା ଓ ପ୍ରାକ୍ଟିକାଲ ରୋଷେଇ ପରୀକ୍ଷା |
| ୬ ଓ ୭ | ପିଅନ ତଥା ଝାଡୁଦାର ଓ ରାତ୍ରି ଜଗୁଆଳି | H.S.C ମାର୍କ ଓ ଜିଲ୍ଲା ସ୍ତରୀୟ ଚୟନ କମିଟି ଦ୍ୱାରା ଇଣ୍ଟରଭ୍ୟୁ |

ଜିଲ୍ଲାପାଳ ତଥା ଅଧକ୍ଷଙ୍କ ଆଦେଶକ୍ରମେ

ସ୍ୱା/

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ,
ସମଗ୍ର ଶିକ୍ଷା, ଖୋର୍ଦ୍ଧା

## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧିନସ୍ଥ ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ଆବେଦନ ପତ୍ର

୧) ଆବେଦନ କରିଥିବା ପଦବୀର ନାମ : ..............................

୨) ଆବେଦନକାରୀଙ୍କ ନାମ (ଇଂରାଜୀ କ୍ୟାପିଟାଲ ଅକ୍ଷରରେ) : ..............................

୩) ପିତାଙ୍କ ନାମ (ଇଂରାଜୀ କ୍ୟାପିଟାଲ ଅକ୍ଷରରେ) : ..............................

୪) ବର୍ତ୍ତମାନ ଯୋଗାଯୋଗ ଠିକଣା : ..............................
..............................
..............................

ସଦ୍ୟ ଉଠାଯାଇଥିବା ସ୍ୱ-ସ୍ୱାକ୍ଷରିତ ପାସପୋର୍ଟ ସାଇଜ କଲର ଫଟୋ

୫) ସ୍ଥାୟୀ ଠିକଣା : ..............................
..............................
..............................

୬) Email ID & Mobile No. (ଇଂରାଜୀ ଅକ୍ଷରରେ) : .............................. ..............................

୭) ଜନ୍ମ ତାରିଖ : ଦିନ.......... ମାସ............ ବର୍ଷ...............

୮) ତା୦୧-୦୧ -୨୦୨୪ ରିଖ ସୁଦ୍ଧା ବୟସ : ସଂପୂର୍ଣ୍ଣ ବର୍ଷ ..........

୯) ଲିଙ୍ଗ (ପୁରୁଷ/ମହିଳା) : ..............................

୧୦) ବିବାହିତ / ଅବିବାହିତ : ..............................

୧୧) ଜାତୀୟତା : ..............................

୧୨) ଶିକ୍ଷାଗତ ଯୋଗ୍ୟତା

| ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର ନାମ | ବୋର୍ଡ/ ୟୁନିଭର୍ସିଟି / ଇନଷ୍ଟିଚ୍ୟୁଟ | ଉତ୍ତୀର୍ଣ୍ଣ ହେବାର ବର୍ଷ | ଫୁଲ ମାର୍କ | ପ୍ରାପ୍ତ ମାର୍କ | ଶତକଡ଼ା ମାର୍କ |
|---|---|---|---|---|---|
| ମ୍ୟାଟ୍ରିକ | | | | | |
| ଯୁକ୍ତ ୨ (ବିଜ୍ଞାନ/ କଳା) | | | | | |
| ଯୁକ୍ତ ୩ (ବିଜ୍ଞାନ/ କଳା) | | | | | |
| ତାଲିମ/ ପେଶାଗତ ଯୋଗ୍ୟତା ନାମ .............................. | | | | | |

୧୩ ) କର୍ମକ୍ଷେତ୍ରରେ ଅଭିଜ୍ଞତା :

| ପଦବୀ | କାର୍ଯ୍ୟ ର ପ୍ରକାର | ସଂସ୍ଥାର ନାମ | ସଂସ୍ଥାର ପ୍ରକାର (ସରକାରୀ /ବେସରକାରୀ / ପ୍ରୋଜେକ୍ଟ/ ଏନ.ଜି.ଓ) | କାର୍ଯ୍ୟର ଅବଧି | | |
|---|---|---|---|---|---|---|
| | | | | କେବେ ଠାରୁ | କେବେ ପର୍ଯ୍ୟନ୍ତ | ସଂପୂର୍ଣ୍ଣ କରିଥିବା ବର୍ଷ |
| | | | | | | |

### ଘୋଷଣା

ଆମ୍ଭେ ଏତଦ ଦ୍ୱାରା ଘୋଷଣା କରୁଅଛୁ ଯେ ଉପର ବର୍ଣ୍ଣିତ ସମସ୍ତ ସୂଚନା ଆମ୍ଭର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁସାରେ ସତ୍ୟ ଏବଂ ସଠିକ ଅଟେ ।

ସ୍ଥାନ :

ତାରିଖ :

ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର